ସମାଜ

# ଜ୍ଞାନ ଓ କର୍ମର ଡେଣା ଯୋଡ଼ିଦିଏ ସନ୍ଥ ସାହିତ୍ୟ




## ଜିଏମ୍‌ୟୁରେ ସନ୍ଥ ସାହିତ୍ୟ ଆଲୋଚନା

ସମ୍ବଲପୁର, ୯ ।୯ (ନି.ପ୍ର) : 'ଚଢ଼େଇ ଯେମିତି ନିଜ ଡେଣା ବଳରେ ଉଡ଼ରେ ଉଡ଼େ ମଣିଷ ସେହିଭଳି ନିଜ ଜ୍ଞାନ ଓ କର୍ମ ବଳରେ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚେ । ଭାରତରେ ସନ୍ଥ ସାହିତ୍ୟ ଏହି ସଦ୍‌ଜ୍ଞାନ ଓ କର୍ମର ସତ୍‌ପଥ ପ୍ରଦର୍ଶନ କରେ ଯାହା ବ୍ୟକ୍ତିକୁ ସଫଳତାର ଉଚ୍ଚତାକୁ ନେଇଯାଏ। ଏଠାରେ ଭୀମ ଭୋଇଙ୍କ ପରି ସନ୍ଥମାନେ ଜଗତର କଲ୍ୟାଣ ପାଇଁ ନର୍କରେ ଅବଗାହନ କରିବାକୁ ଭୟ କରନ୍ତି । ଆଜି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ରେ ଆୟୋଜିତ ସନ୍ଥ ସାହିତ୍ୟ ପରମ୍ପରା ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ଏହା କହିଛନ୍ତି ।

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଏକାଡେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ଡଃ ଗୌରହରି ଦାସ ସଭାପତିତ୍ୱ କରି ଭାରତରେ ସନ୍ଥସାହିତ୍ୟର ମହନୀୟତା ଉପରେ ଆଲୋକପାତ କରିଥିଲେ । ଓଡ଼ିଶାରେ ସାରଳା ଦାସ, ପଞ୍ଚସଖା ଓ ଭୀମ ଭୋଇ, ଶ୍ରୀ ଅରବିନ୍ଦ, ସନ୍ଥ କବୀର ପ୍ରମୁଖଙ୍କ ସାହିତ୍ୟରୁ ଉଦ୍ଧୃତି ମାଧ୍ୟମରେ ସନ୍ଥ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସାହିତ୍ୟିକ ପ୍ରଫେସର କାଳିଦାସ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପଞ୍ଚସଖା ସାହିତ୍ୟ ଓଡ଼ିଆ ସନ୍ଥ ସାହିତ୍ୟର ଚରମ ଉତ୍କର୍ଷ ବୋଲି ମତ ଦେଇଥିଲେ । ସମ୍ମାନିତଅତିଥି ଭାବେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ଏକାଡେମୀର କଲିକାତା ସ୍ଥିତ ଅଂଚଳ ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଦେଇ ସନ୍ଥ ଜୀବନର ମହତ୍ତ୍ୱ ଉପସ୍ଥାପନ କରିଥିଲେ । ଓଡ଼ିଆ ଉପଦେଷ୍ଟା ପରିଷଦର ସଦସ୍ୟ ଡଃ ମନୋଜ କୁମାର ପଣ୍ଡା ଓଡ଼ିଆ ସନ୍ଥ ସାହିତ୍ୟର ବିସ୍ତୃତି ଓ ପ୍ରବୃତ୍ତି ଉପରେ ଆଲୋକପାତ କରିବାସହ ସନ୍ଥ ସାହିତ୍ୟ ଗବେଷଣା ଉପରେ ପ୍ରାଧାନ୍ୟ ଦେଇଥିଲେ । ଭୀମଭୋଇ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡଃ ରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ଅଖିଳ ବିଶ୍ୱାଳ, ଡଃ ଦ୍ୱାରିକାନାଥ ନାୟକ, ଡଃ ସଂଘମିତ୍ରା ମିଶ୍ର, ଡଃ ସୌରଭ ରଞ୍ଜନ ଖମାରୀ ଏବଂ ଡଃ ଶେଷାନ ବିଶି ପ୍ରବନ୍ଧ ପାଠ କରିଥିଲେ । ଡଃ ପରୀକ୍ଷିତ ଭୋଇ, ପ୍ରଫେସର ସନ୍ତୋଷ ରଥ, ଡଃ ଲିପିକା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

The Samaja,SAMBALPUR Edition
Page No.23 September 10, 2025